# ରାୟଗଡ଼ା ଜିଲ୍ଲାରେ ବଢୁଛି ଦାଦନ ଦୁଃଖ

■ କାମ ପାଇଁ ଯାଇ ଯୁବକ ନିଖୋଜ
■ ଖୋଜି ଆଣିବା ପାଇଁ ସ୍ତ୍ରୀଙ୍କ ନିବେଦନ

**ରାୟଗଡ଼ା,୨୭।୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ଗ୍ରାନାଇଟ, କ୍ୱାର୍ଜାଇଟଠାରୁ ଆରମ୍ଭକରି ମୂଲ୍ୟବାନ ବକ୍ସାଇଟ ଖଣି ଭରି ରହିଛି । ହେଲେ ଆଜି ବି ପଛୁଆ ଜିଲା ଭାବେ ପରିଚିତ ରାୟଗଡ଼ା ଜିଲା । ଜିଲାରେ ଅନେକ ଛୋଟ ବଡ଼ ଶିଳ୍ପ କାରଖାନା, ଖଣି ରହିଥିଲେ ମଧ୍ୟ ଲୋକେ କାମଧନ୍ଦା ଅଭାବରୁ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଛନ୍ତି। ଫଳରେ ଜିଲାରେ ଦିନକୁ ଦିନ ଦାଦନଙ୍କ ଦୁଃଖ ବଢୁଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ଦାଦନ ଖଟିବାକୁ ଯାଇ କିଛି ମୃତ୍ୟୁବରଣ କରୁଥିବା ବେଳେ କେତେଜଣ ଲୋକ ନିଖୋଜ ହୋଇଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି । ରାୟଗଡା ବ୍ଲକ ପଦକାପାଡୁ ଗ୍ରାମର ଫକିର ମିଣିଆକା(୩୬) ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଯାଇଥିବା ତାଙ୍କ ସ୍ତ୍ରୀ ଶାନ୍ତି ମିଣିଆକା ମଙ୍ଗଳବାର ସୂଚନା ଦେବା ସହ ତାଙ୍କୁ ଖୋଜି ଆଣିବା ପାଇଁ ଏସ୍‌ପିଙ୍କ ନିକଟରେ ନିବେଦନ କରିଛନ୍ତି ।

ସୂଚନା ଅନୁଯାୟୀ, ରାୟଗଡ଼ା ବ୍ଲକ କୁମ୍ଭିକୋଟା ପଞ୍ଚାୟତ ଟିଟିଖୋଲା ଗ୍ରାମର ମଙ୍ଗେଷି କାଣି ନାମକ ଜଣେ ମଧ୍ୟସ୍ଥ ବାଙ୍ଗାଲୋରଠାରେ କାର୍ଯ୍ୟ କରିବ ବୋଲି କହି ଡିସେମ୍ବର ୩ ରେ ଫକିରଙ୍କୁ ନେଇ ରାୟଗଡା ଷ୍ଟେଶନରେ ଦଲାଲଙ୍କ ହାତରେ ଟେକି ଦେଇଥିଲେ । ତାଙ୍କୁ ଖାଇବା ପିଇବା ସହ ମାସକୁ ୧୨ ହଜାର ଟଙ୍କା ମିଳିବ ବୋଲି କୁହାଯାଇଥିଲା । କିନ୍ତୁ ଗତ ଡିସେମ୍ବର ୨୧ ତାରିଖରେ ଉକ୍ତ ଦଲାଲ ଫୋନ ଯୋଗେ ପରିବାରକୁ ଫକିର କାମରେ ଯୋଗ ଦେଇନାହିଁ ବୋଲି ଜଣାଇଥିଲା।


ଫକିର ମିଣିଆକା

ଫକିରଙ୍କୁ କାମକୁ ନେଇଥିବା ଲୋକର ଫୋନ ନମ୍ବର ୭୯୭୮୨୪୮୫୨୫ ବୋଲି ସ୍ତ୍ରୀ ଶାନ୍ତି ଲିଖିତ ଭାବରେ ଜଣାଇଛନ୍ତି। ଫକିରଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିପାରୁନାହିଁ ବୋଲି ସେ କହିଛନ୍ତି । ଅନ୍ୟପଟେ ଫକିରଙ୍କୁ କାମ ଦେବେ ବୋଲି କହି ନେଇଥିବା ବ୍ୟକ୍ତି ଦେଉଥିବା ତଥ୍ୟରେ କୌଣସି ତାଳମେଳ ରହୁ ନ ଥିବା ଏବଂ ମିଥ୍ୟା ତଥ୍ୟ ଦେଉଥିବାରୁ ଫକିର ମୃତ କି ଜୀବିତ ସେ ନେଇ ସନ୍ଦେହ ଉପୁଜୁଥିବା ସ୍ତ୍ରୀ ଶାନ୍ତି ଲିଖିତ ଭାବେ ଅଭିଯୋଗ କରିଛନ୍ତି । ସେମାନଙ୍କ ଦୁଇଟି ଛୋଟ ପିଲା ଏବଂ ଫକିର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ସ୍ୱାମୀଙ୍କୁ ଫେରାଇଆଣିବା ପାଇଁ ପ୍ରଶାସନ ଏବଂ ପୋଲିସକୁ ନିବେଦନ କରିଛନ୍ତି । ଏ ନେଇ ପରିବାର ରାୟଗଡ଼ା ଥାନାରେ ଗତ ଡିସେମ୍ବର ୨୭ ରେ ନିଖୋଜ ହେବା ନେଇ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ପରିବାର ପ୍ରକାଶ କରିଛନ୍ତି। ମଙ୍ଗଳବାର ସୂଚନା ପାଇ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ରନାଥ ତ୍ରିପାଠୀ ଫକିରଙ୍କୁ କାର୍ଯ୍ୟକୁ ନେଇଥିବା ଗଞ୍ଜାମ ଅଞ୍ଚଳର ସଞ୍ଜୟ ସ୍ୱାଇଁଙ୍କୁ ଯୋଗାଯୋଗକରି ବାଙ୍ଗାଲୋରରେ ଏଫ୍‌ଆଇଆର୍ ଦେବା ପାଇଁ କହିବା ସହ ଫକିରଙ୍କ ସମ୍ପର୍କରେ ତଥ୍ୟ ଦେବା ପାଇଁ ତାଗିଦ କରିଥିଲେ । ଜିଲା ଶ୍ରମ ଅଧିକାରୀ ତ୍ରିପାଠୀ ନିଖୋଜ ଫକିରଙ୍କୁ ଖୋଜିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଦେଇଛନ୍ତି ।

## ବାଲ୍ୟବିବାହ ବନ୍ଦ ନେଇ ସାଇକେଲ ରାଲି


ବାହାରିଥିବା ସାଇକେଲ ଶୋଭାଯାତ୍ରା ।

**ଗୁଣପୁର,୨୭।୧ ( ସୁଜାତା ପାଢ଼ୀ/ ସଂକେତ ପାତ୍ର)**

ରାୟଗଡ଼ା ଜିଲା ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ସୋମବାର ଗଣତନ୍ତ୍ର ଦିବସ ଅବସରରେ ବାଲ୍ୟବିବାହ ପ୍ରଥା ବନ୍ଦକୁ ନେଇ ଏହି ସାଇକେଲ ରାଲି ଗୁଣପୁର କୋର୍ଟଠାରୁ ବାହାରିଥିଲା । ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ଏଡିଜେ ଦେବଦତ୍ତ ପଟ୍ଟନାୟକ ପତାକା ଦେଖାଇ ସାଇକେଲ ରାଲିର ଶୁଭାରମ୍ଭ କରିଥିଲେ । ରାଲି ସହର ସାରା ବୁଲି ବାଲ୍ୟବିବାହ ବନ୍ଦ ସହ ଝିଅଙ୍କ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଏସ୍‌ଡିଜେଏମ୍ ବିଜୟଲକ୍ଷ୍ମୀ ମହାପାତ୍ର, ଓକିଲ ସଂଘର ସଭାପତି ଗୌରୀ ଶଙ୍କର ଦାସ, ଉପ ସଭାପତି ରମେଶ ଚନ୍ଦ୍ର ଲିମା, ସମ୍ପାଦକ ପ୍ରବୀଣ ପଟ୍ଟନାୟକଙ୍କ ସମେତ ବରିଷ୍ଠ ଓକିଲ ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ରାଜେନ୍ଦ୍ର ସାହୁ, କୋର୍ଟର କର୍ମଚାରୀ ଏବଂ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ରହି ସାଇକେଲ ଯାତ୍ରା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଶୁଭ୍ରସ୍ମାତ ରାଉତ, ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ, ଦୀପାରାଣୀ ବେହେରା ଏବଂ ବିନୋଦ ଶବର, ଆଇଆଇସି କେକେବିକେ କହଁର ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ନୂଆ ଥାନା ଅଧିକାରୀଙ୍କୁ ସ୍ୱାଗତକଲେ କଂଗ୍ରେସ କର୍ମୀ


କଂଗ୍ରେସ କର୍ମୀ ଫୁଲତୋଡା ଦେଇ ଥାନା ଅଧିକାରୀଙ୍କୁ ସ୍ୱାଗତ କରୁଛନ୍ତି ।

**ଗୁଡାରି,୨୭।୧ (ପ୍ରମୋଦ କୁମାର ପତି)**

ଗୁଡ଼ାରିର ନୂତନ ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଇଆଇସି ବାଗଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏହି ସମୟରେ ଗୁଡାରି ବ୍ଲକ କଂଗ୍ରେସ ସଭାପତି କେ. ରାମକ୍ରିଷ୍ଣା, ଏନ୍‌ଏସି ଏମ୍‌ପି ପ୍ରତିନିଧି ଏସ୍.ମୀନକେଶ, ଜଳ ସୂର୍ଯ୍ୟ, ପୁରୁଷୋତ୍ତମ ନିମାଳଙ୍କ ସମେତ ସମସ୍ତ ଗ୍ରାମପଞ୍ଚାୟତର କଂଗ୍ରେସ ସଭାପତି ଓ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଭାଜପାରେ ମିଶିଥିବା ୭ ନେତାଙ୍କ ମଧ୍ୟରୁ ପୁଣି ବିଜେଡିକୁ ଫେରିଲେ ୪

**ରାୟଗଡ଼ା,୨୭।୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ରାଜନୀତି ଏବେ ଏକ ରୋଚକ ମୋଡ଼ରେ । ବିଷମକଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଷମକଟକ ପଞ୍ଚାୟତ ସମିତିର ୭ ସମିତି ସଭ୍ୟ ଓ ୨ ସରପଞ୍ଚ ବିଜେଡି ଛାଡ଼ି ଗତ ଶନିବାର ଭାଜପାରେ ମିଶିଥିଲେ। ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେମାନେ ଭାଜପାରେ ଯୋଗଦେଇଥିବା ଭାଜପା ପକ୍ଷରୁ ଫଟୋ ଓ ପ୍ରେସ୍ ବିବୃତି ଛଡ଼ାଯାଇଥିଲା । ଭାଜପାରେ ଯୋଗଦେଇଥିବା ୭ ସମିତି ସଭ୍ୟ ହେଲେ କାଙ୍କୁବାଡ଼ି ପଞ୍ଚାୟତର ଅକ୍ଷୟ କୁମାର ହିକକା, ହାଟମୁନିଗୁଡ଼ାର ଦୁର୍ଯ୍ୟୋଧନ ପିଡିକାକା, ଡୁମୁରିନେଲିର ବୋଇଦ ଉର୍ଲାକା, ହଜାରିଡ଼ାଙ୍ଗର ସୁକାନ୍ତ ବେନିଆ, ଡାଲଆକୁଜିର କରୁଣାକର ସୁନା, ସାହାଡ଼ାର ଜୟନ୍ତୀ କଲକା ଏବଂ କୁର୍ଲିର ତେଲାଡ଼ି ହୁଇକା । ହେଲେ ମଙ୍ଗଳବାର ସେହି ସମିତି ସଭ୍ୟଙ୍କ ମଧ୍ୟରୁ ୪ଜଣ ପୁନର୍ବାର ନିଜର ପ୍ରାଥମିକ ଦଳ ବିଜେଡିକୁ ଫେରିଛନ୍ତି । ବିଜେଡିକୁ ଫେରିଥିବା ୪ଜଣ ସମିତିସଭ୍ୟ ହେଲେ ଡୁମୁରିନେଲିର ବୋଇଦ ଉର୍ଲାକା, ହଜାରିଡ଼ାଙ୍ଗର ସୁକାନ୍ତ ବେନିଆ, ସାହାଡ଼ାର ଜୟନ୍ତୀ କଲକା ଏବଂ କୁର୍ଲିର ତେଲାଡ଼ି ହୁଇକା । ବିଜେଡିର ରାଜ୍ୟ ସାଧାରଣ


ଭାଜପାରୁ ପୁଣି ବିଜେଡିକୁ ଫେରିଥିବା ନେତା ।

ସମ୍ପାଦକ ସୁଧୀର ଦାସଙ୍କ ଉପସ୍ଥିତିରେ ସମସ୍ତେ ବିଜେଡିକୁ ଫେରିଥିବା ନେଇ ଭିଡିଓ ବାର୍ତ୍ତା ମାଧ୍ୟମରେ ସମ୍ପୃକ୍ତ ସମିତି ସଭ୍ୟମାନେ ସୂଚନା ଦେଇଛନ୍ତି । ଏଭଳିକି ବିଷମକଟକ ନିର୍ବାଚନମଣ୍ଡଳୀର କଂଗ୍ରେସର ଟାଣୁଆ ନେତା ଦିଲୀପ ପଟ୍ଟନାୟକଙ୍କ ଇଙ୍ଗିତରେ ସେମାନେ ଭୁବନେଶ୍ୱର ଯାଇ ଭାଜପାରେ ମିଶିଥିବା ଏବଂ ଦିଲୀପଙ୍କୁ ସେଠାରେ ନ ଦେଖିବା ପରେ ପୁଣି ଥରେ ବିଜେଡିକୁ ଫେରିଥିବା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ନିଜ ବିଚକ୍ଷଣ ରାଜନୈତିକ ପଶାପାଲିରେ ବିଜେଡି ଓ ଭାଜପାକୁ ମାତ୍ ଦେଇ ବିଷମକଟକ ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକକାଙ୍କୁ ଜିତାଇଥିବା ଦିଲୀପ କ'ଣ ସତରେ ଭାଜପା ସହ ଜଡ଼ିତ ଅଛନ୍ତି କି ବୋଲି ତେବେ ବର୍ତ୍ତମାନ ପ୍ରଶ୍ନ ଉଠିଛି। ଏ ନେଇ ଦିଲୀପ ପଟ୍ଟନାୟକଙ୍କୁ ପଚାରିବାରୁ ସେ କାହାକୁ ଭାଜପାରେ ଯୋଗଦେବା ପାଇଁ କହିନାହାନ୍ତି କିନ୍ତୁ ପୂର୍ବରୁ ପଞ୍ଚାୟତ ସମିତିରେ ସୁଧୀର ଦାସ ସେମାନଙ୍କୁ ଅଣଦେଖାକରି ରଖିଥିବା ଦିଲୀପଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଆଗାମୀ ଦିନରେ ସେମାନେ ପୁଣି ଥରେ ନିଶ୍ଚୟ ଅଭିଯୋଗ କରିବାକୁ ଆସିବେ ବୋଲି ଦିଲୀପ କହିଛନ୍ତି । ଏଭଳିକି ହଜାରିଡ଼ାଙ୍ଗର ସମିତିସଭ୍ୟ ସୁକାନ୍ତ ବେନିଆ ମଣ୍ଡିରେ ଧାନ ଉଠୁ ନ ଥିବା ନେଇ ଦିଲୀପଙ୍କ ନିକଟରେ ଫେରାଦ ହୋଇଥିବାରୁ ସେ ମଣ୍ଡିରେ ଧାନ ଉଠିବା ନେଇ ସହଯୋଗ କରିଥିଲେ । ସେହିଭଳି କୁର୍ଲିର ତେଲାଡ଼ି ହୁଇକା ସମିତିସଭ୍ୟା ରହିଥିଲେ ହେଁ ତାଙ୍କୁ ପଞ୍ଚାୟତ ସମିତିରେ ନିଜ ଅଞ୍ଚଳର ବିକାଶ ପାଇଁ ଯୋଜନା କାର୍ଯ୍ୟକାରୀ କରିବାକୁ ଦିଆଯାଉ ନ ଥିଲା । ଏ ନେଇ ସେ ଦିଲୀପଙ୍କ ନିକଟରେ ଜଣାଇବା ପରେ ବ୍ଲକର ଯନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କୁ ତେଲାଡ଼ିଙ୍କୁ ସହଯୋଗ କରିବାକୁ କହିଥିବା ଦିଲୀପ ପ୍ରକାଶ କରିଛନ୍ତି ।

## ସୁସ୍ଥ ଜୀବନଶୈଳୀ ସମ୍ପର୍କିତ ବିଜ୍ଞାନ ପ୍ରଦର୍ଶନୀ

**ଗୁଣପୁର,୨୭ ୧( ସୁଜାତା ପାଢ଼ୀ)**

ଗୁଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାୟୀ ଜୀବନଶୈଳୀ ଉପରେ ଆଧାରିତ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହେମାନନ୍ଦ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ, ଗୁଣପୁର ବିଆଇଇଟିର ଅଧ୍ୟକ୍ଷ ମନୋଜ କୁମାର ଗମାଙ୍ଗ, ଏବିଇଓ ଲକ୍ଷ୍ମୀ ବେହେରା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୨୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅବସରପ୍ରାପ୍ତ ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି, ଅବସରପ୍ରାପ୍ତ ପ୍ରଧାପକ ଡ. ସୂର୍ଯ୍ୟନାରାୟଣ ପଣ୍ଡା ଓ ଅଧାପକ ରମେଶ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ପ୍ରକଳ୍ପକୁ ବିଚାର କରିଥିଲେ । ସେହପରି ଦ୍ୱିତୀୟ ପର୍ଯ୍ୟାୟରେ ଅତିଥିମାନେ ମେଳାରେ ପ୍ରଥମ ସ୍ଥାନରେ ଉଚ୍ଚ ବିଦ୍ୟାଳୟ ଗୁଣପୁରର ମାନସ ସାସମଲ, ଦ୍ୱିତୀୟ ସ୍ଥାନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ୱରୂପ ତ୍ରିପାଠୀ ଓ ତୃତୀୟ ସ୍ଥାନରେ ଏକଲବ୍ୟ ବିଦ୍ୟାଳୟର ବାପିଗିରି ଶବରଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

## ଜିଆଇଇଟିରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ଗୁଣପୁର, ୨୭।୧( ସୁଜାତା ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଚାଲିଥିବା ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଅଧୀନସ୍ଥ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆୟୋଜିତ ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଛି। 'ଇଣ୍ଟରନେଟରେ ପରବର୍ତ୍ତୀ ପିଢ଼ି' ସମ୍ବନ୍ଧୀୟ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଛି। ଟେକ୍ ବିଜିର ଉପାଧ୍ୟକ୍ଷ ବାଳପ୍ରସାଦ ପେଡିଗରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଇଣ୍ଟରନେଟର ମୁଖ୍ୟ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଆଇଆଇଆଇଟି ଭୁବନେଶ୍ୱରର କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ଦେବାଶିଷ ଜେନା ଓ ସାଇ ଇନ୍ଫୋ ସଲ୍ୟୁଶନ ନିର୍ଦ୍ଦେଶକ ସନ୍ତୋଷ ଗୋରେ ଯୋଗଦେଇଥିଲେ। ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ଡ.ଏ.ଭି.ଏନ୍.ଏଲ୍. ଶର୍ମା ଉପସ୍ଥିତ ଥିଲେ। କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଡେପୁଟି ଡିନ ଡ଼. କେ.ମୁରଲୀ ଗୋପାଳ ସ୍ୱାଗତ ଭାଷଣ ଓ ପ୍ରଫେସର ଡ ରାଘେବେନ୍ଦେ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ରେଜିଷ୍ଟ୍ରାର ଡ଼.ଏନ୍.ଭି.ଜଗନାଧା. ରାଓ, ପରୀକ୍ଷା ନିୟନ୍ତ୍ରକ ଡ.ପି.ବିଜୟ କୁମାରଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଧର୍ମଘଟକୁ ଗୁଣପୁରର ସମସ୍ତ ବ୍ୟାଙ୍କର ସମର୍ଥନ

**ଗୁଣପୁର, ୨୭।୧ (ସଂକେତ ପାତ୍ର)**

୫ଦିନିଆ କାର୍ଯ୍ୟ ସପ୍ତାହ ଦାବିରେ ବ୍ୟାଙ୍କ କର୍ମଚାରୀମାନେ ମଙ୍ଗଳବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଥିବାବେଳେ ଗୁଣପୁର ଅଞ୍ଚଳର ସମସ୍ତ ବ୍ୟାଙ୍କ ଏହାକୁ ସମର୍ଥନ ଜଣାଇଛନ୍ତି। ଗୁଣପୁରରେ ଆୟୋଜିତ ଧାରଣାରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ୍ସିସ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଇଣ୍ଡିଆନ ବ୍ୟାଙ୍କ, କେସିସି ବ୍ୟାଙ୍କ, ୟୁଜିବି ବ୍ୟାଙ୍କ ଏବଂ ୟୁକୋ ବ୍ୟାଙ୍କ ସମର୍ଥନ କରିଥିବା ଜଣାପଡ଼ିଛି। ବ୍ୟାଙ୍କ କର୍ମଚାରୀଙ୍କ କହିବା ଅନୁଯାୟୀ, କେନ୍ଦ୍ର ସରକାର ତତ୍କାଳ ତାଙ୍କ ଦାବି


ଧର୍ମଘଟରେ ସାମିଲ ହୋଇଥିବା ବ୍ୟାଙ୍କ କର୍ମଚାରୀ।

ପୂରଣକରି ୫ ଦିନିଆ କାର୍ଯ୍ୟସପ୍ତାହ ପ୍ରଣାଳୀ ଲାଗୁ ନ କଲେ ଆଗାମୀ ଦିନରେ ସାରା ଭାରତର ବ୍ୟାଙ୍କଗୁଡ଼ିକ ଯଥୋଚିତ ଓ କଠୋର ପଦକ୍ଷେପ ଗ୍ରହଣ କରିବେ । ଗୁଣପୁରରେ ହୋଇଥିବା ଏହି ଧରଣା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ହୋଇଥିଲା। ଆନ୍ଦୋଳନ ସମୟରେ ସାଧାରଣ ଗ୍ରାହକଙ୍କୁ କୌଣସି ଅସୁବିଧା ହୋଇ ନ ଥିବା କର୍ମଚାରୀମାନେ କହିଛନ୍ତି।

## ବଂଶଧାରା ବସନ୍ତ ମହୋତ୍ସବରେ ଦର୍ଶକଙ୍କୁ ନଚାଇଲେ ବର୍ଣ୍ଣାଳି

**ଗୁଣପୁର,୨୭।୧( ସୁଜାତା ପାଢ଼ୀ)**

ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚର ମୁଖ୍ୟ ଆକର୍ଷଣ ଥିଲେ ସୁନାମଧନ୍ୟ ଗାୟିକା ବର୍ଣ୍ଣାଳି ହୋତା। ତାଙ୍କ ରଙ୍ଗାରଙ୍ଗ ଗୀତରେ ଦର୍ଶକ ନାଚି ଉଠିଥିଲେ । ଏହି ଅବସରରେ ବନ୍ଧୁମିଳନ ସହ ଖାଦ୍ୟ ପସରା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଖାଦ୍ୟ ପ୍ରଦର୍ଶନୀରେ ସୁଷମା ସାହୁ, ପଦ୍ମାଳୟା ଶତପଥୀ, ନର୍ମଦା ସାହୁ ପ୍ରମୁଖ ଭାଗ ନେଇଥିଲେ। ମଣ୍ଡା, କାକରା, ଚକୁଳି, ପୋଡ଼ପିଠା, ଆରିଶା, ମିଠାବରା, କାନ୍ଦୁଲ ପୋକଡି, ସନ୍ତୁଳା, ଶାଗ, କାନିକା, ପଲଉ, ଖିରି, କାଞ୍ଜି ଭଳି ନାନା ପ୍ରକାର ବ୍ୟଞ୍ଜନ ରହିଥିଲା। ଉତ୍ସବ ମଞ୍ଚ ପ୍ରାଙ୍ଗଣରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅଧିକାରାଣୀ ମହାପାତ୍ର, ରୋଜି କୋରା, ଚାରୁବାଳା ଶତପଥୀ, ସିଏଚ୍ ଭାନୁମତି, ନନ୍ଦିନୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

ମହୋତ୍ସବରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ବଡ ଧରଣର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମଣ୍ଡପରେ ମା' ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। କାର୍ଯ୍ୟକ୍ରମରେ ଉତ୍ସବ କମିଟିର ସଭାପତି ତଥା ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସଙ୍କ


ମଞ୍ଚରେ ବର୍ଣ୍ଣାଳି ହୋତା ସଙ୍ଗୀତ ପରିବେଷଣ କରୁଛନ୍ତି।

ସମେତ ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଫଣୀଭୂଷଣ ପଟ୍ଟନାୟକ, ରାଜେନ୍ଦ୍ର ପାଢ଼ୀ, ଓକିଲ ସଂଘ ସଭାପତି ଗୌରୀ ଦାଶ, ଗଣେଶ ପଣ୍ଡା, କୃଷ୍ଣ ସେନାପତି, ଅକ୍ଷୟ ଶତପଥୀ, ରମେଶ ଲିମା, ପୌର ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ସୀମାଦ୍ରି କ୍ରିଷ୍ଣା, ଏଲ୍. ଗୋପାଲ ରାଓ, ଉମା ମହେଶ୍ୱର ପଟ୍ଟନାୟକଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧି ଯୋଗଦେଇଥିଲେ। ମଞ୍ଚରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବର୍ଣ୍ଣାଳିଙ୍କ ସହ ଜେମ୍‌ସ ଓ ରୋଜାଲିନ ମଧ୍ୟ ଦର୍ଶକଙ୍କୁ ଭଲ ମନୋରଞ୍ଜନ କରିଥିଲେ।

## ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ସାମୂହିକ ଉଦ୍ୟମ ଆବଶ୍ୟକ

**ଗୁଣପୁର,୨୭।୧( ସୁଜାତା ପାଢ଼ୀ )**

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଗୁଣପୁର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉପ ଜିଲାପାଳ ଦୁଧାଲ ଅଭିଷେକ ଦୀଲିପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ସାମୁହିକ ଉଦ୍ୟମ ଆବଶ୍ୟକ ଓ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସମସ୍ତେ ଉଦ୍ୟମ କରିବାକୁ ପଡିବ ବୋଲି ଉପଜିଲାପାଳ ମତବ୍ୟକ୍ତ କରିଥିଲେ। ଭୋର ୪ଟା ୩୦ରେ ଉପଖଣ୍ଡ ସହରରେ ରାମଧୁନ, ୫ଟା ୩୦ରେ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ରଠାରୁ ପ୍ରଭାତଫେରି ଅନୁଷ୍ଠିତ ହୋଇଥିଲା । ସକାଳ ୭ଟାରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧି ପ୍ରମୁଖ ସହରରେ ସ୍ଥାପିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ୮ଟା୩୦ରେ ମିନି ଷ୍ଟାଡିୟମଠାରେ ଉପ ଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଦ୍ୱିତୀୟ ଭାରତୀୟ ସଂରକ୍ଷିତ ବାହିନୀର କମାଣ୍ଡାଣ୍ଟ ବ୍ରଜ ମୋହନ ନାୟକ, ଡେପୁଟି କମାଣ୍ଡାଣ୍ଟ ସନ୍ତୋଷ କୁମାର ବିଶ୍ୱାଳ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ଡେପୁଟି କଲେକ୍ଟର ଶୁଭ୍ରସ୍ମାତ ରାଉତ, ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ତହସିଲଦାର ଗୟା ଡମ୍ବରୁ ଧର ବେହେରା, ବନଖଣ୍ଡ ଅଧିକାରୀ ଗଙ୍ଗାଧର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପରେଡ଼ରେ ୨୬ଟି ଦଳ ଅଂଶଗ୍ରହଣ କରିଥିଲେ। ପରେ କୌତୁକ ପୋଷାକ ପ୍ରତିଯୋଗିତା, ମାସଡ୍ରିଲ ଅନୁଷ୍ଠିତ ହୋଇଥିଲା । ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନୀଳମ୍ବର ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ପରେଡ଼ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ତତ୍ତ୍ୱାବଧାନରରେ ଅନୁଷ୍ଠିତ ହୋଇଥିଲା।


ଉପଜିଲାପାଳ ଜିପ୍‌ରେ ପରେଡ ପରିଦର୍ଶନ କରୁଛନ୍ତି।

# ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସରକାର ସଂକଳ୍ପବଦ୍ଧ

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ**

**ରାୟଗଡ଼ା,୨୭।୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ଜିସିଡି ହାଇସ୍କୁଲ ପଡିଆରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମବେତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ଜିଲାବାସୀଙ୍କୁ ଉଦବୋଧନ ଦେଇ କହିଥିଲେ, ଏହି ଦିବସଟି ଭାରତର ସମ୍ବିଧାନ ଗୃହୀତ ହେବାର ସ୍ମୃତିକୁ ଉଜ୍ଜୀବିତ କରିଥାଏ। ଆଜି ମୁଁ ଗର୍ବର ସହ କହିପାରେ ଯେ, ଓଡ଼ିଶା ଏବେ ବିକାଶର ଏକ ନୂଆ ଯୁଗରେ ପ୍ରବେଶ କରିଛି। ବିକାଶ ଓ ଅସ୍ମିତା ଏହି ମନ୍ତ୍ରକୁ ଆଧାରକରି ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ କରିବା ଦିଗରେ ରାଜ୍ୟ ସରକାର ଦୃଢ଼ ସଂକଳ୍ପବଦ୍ଧ। ମହିଳାଙ୍କ ସଶକ୍ତୀକରଣ, ଯୁବଶକ୍ତିଙ୍କୁ ନିଯୁକ୍ତି, କୃଷକଙ୍କ ସମୃଦ୍ଧି ଏବଂ ଶିକ୍ଷା, ସ୍ୱାସ୍ଥ୍ୟର ସୁଦୃଢ଼ ଭିତ୍ତି ଏବଂ ଶିକ୍ଷା କ୍ଷେତ୍ରରେ ମଧ୍ୟ ଓଡ଼ିଶା ଏକ ଐତିହାସିକ ପଦକ୍ଷେପ ନେଇଛି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଅଧୀନରେ ଆଗାମୀ ୪ ବର୍ଷରେ ୨୨୦୦ ବିଦ୍ୟାଳୟ ପାଇଁ ୧୨ ହଜାର କୋଟି ଟଙ୍କା ବ୍ୟୟ ହେବ। ଦୁର୍ନୀତିମୁକ୍ତ ରହିବା ଓ


ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମବେତ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଜଣାଇଥିଲେ। ଆସନ୍ତା ୪ ମାସରେ ଆଉ ୩୦ ହଜାର ନିଯୁକ୍ତି ଦିଆଯିବ। ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ପ୍ରତିବଦ୍ଧତାର ବାର୍ତ୍ତା ଦେଇଥିଲେ।

ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତରେ କୃତୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ସ୍ୱିଟି ପ୍ରିୟା ପ୍ରଧାନ, ବିଜୟ କିଶୋର ପଟ୍ଟନାୟକ, ଦମୟନ୍ତୀ ବଡ଼୍ରିୟ, କେ. ରାଧାରାଣୀ, ବିକାଶ କୁମାର ରେଡ୍ଡୀ, ସ୍ୱାଗତିକା ମଲ୍ଲିକ ଏବଂ ଗାୟତ୍ରୀ କଳା ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ୩୧ଟି ଦଳ ଭାଗନେଇଥିଲେ। ଉତ୍କୃଷ୍ଟ ପରେଡ୍ ପ୍ରଦର୍ଶନ କରିଥିବା ଦଳକୁ ପୁରସ୍କୃତ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରୋଗୀ, ଜିଲା କାରାଗାର ଓ ସ୍ଥାନୀୟ ସେବା ସମାଜ ଅନାଥ ଆଶ୍ରମ, ସ୍ୱଧାର ଗୃହରେ ଓ ବରିଷ୍ଠ ନାଗରିକ ସେବା ଗୃହ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକ, ନିହାର ରଞ୍ଜନ କହଁର, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲାପାଳ ରମେଶ କୁମାର ଜେନା, ଅତିରିକ୍ତ ଏସ୍‌ପି. ଅମୂଲ୍ୟ ଧର, ଏସ୍‌ଡିପିଓ ଗୌରହରି ସାହୁଙ୍କ ସମେତ ଜିଲାସ୍ତରୀୟ ପ୍ରଶାସନିକ ଓ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଓ ସହକାରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଛାତ୍ରଙ୍କ ଦ୍ୱାରା ଆୟୋଜିତ ମାନବଶୃଙ୍ଖଳ ।

**ସଂକ୍ଷେପରେ**

## ୧୪ ବର୍ଷ ପରେ ମା' ଠାକୁରାଣୀଙ୍କ ପାଟବାଲି ଯାତ୍ରା



ତେନ୍ତୁଲିଖୁଣ୍ଟି, ୨୭।୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ାରେ ସୋମବାର ମା ଠାକୁରାଣୀଙ୍କ ପାଟବାଲି ଯାତ୍ରା ପାଟ ବାଲିଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ୧୨ବର୍ଷକୁ ଥରେ ହୋଇଥାଏ। କିନ୍ତୁ ଖାତିଗୁଡ଼ା ଗ୍ରାମରେ ବିଭିନ୍ନ କାରଣରୁ ଏହି ଯାତ୍ରା ଚଳିତ ଥର ୨ ବର୍ଷ ବିଳମ୍ବରେ କରାଯାଇଥିଲା। ଯାତ୍ରା ଆରମ୍ଭ ପୂର୍ବରୁ ଗ୍ରାମବାସୀ ନବରଙ୍ଗପୁର ଜିଲା କୋଷଗୁମୁଡ଼ା ବ୍ଲକ ଡୁଙ୍ଗୁରା ପଞ୍ଚାୟତ ଭଣ୍ଡାରୀଗୁଡ଼ା ଗ୍ରାମର ବାଲି ଗୁରୁମାଇଁଙ୍କୁ ଗ୍ରାମକୁ ପାଛୋଟି ଆଣି ବନ୍ଦାପନା କରିଥିଲେ। ବାରଙ୍ଗପଦର ଜାନି, ଖାତିଗୁଡ଼ା ଗ୍ରାମର ପୂଜାରି, ନାୟକ ଘର, ଗଣ୍ଡା, ଚଳାନଙ୍କୁ ମଧ୍ୟ ପାଛୋଟି ଅଣାଯାଇଥିଲା। ଗ୍ରାମବାସୀ ଠାକୁରାଣୀ ମନ୍ଦିର ଯାଇ ମାଙ୍କ ଲାଠିଓ ଗ୍ରାମର ସମସ୍ତ ଦେବଦେବୀଙ୍କୁ ବାଜା, ଘଣ୍ଟ, ହୁଳହୁଳି ଦେଇ ବାଲି ଘରକୁ ଆଣିଥିଲେ। ଗ୍ରାମର ସମସ୍ତଙ୍କ ଉପସ୍ଥିତିରେ ବାଲିଘରରେ ଗୁନା ବା ଏକ ବଡ଼ କଳସ ସ୍ଥାପନ କରି ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ଏହି ଯାତ୍ରା ଦୀର୍ଘ ତିନିମାସ ଧରି ଚାଲିବ ବୋଲି ଗ୍ରାମବାସୀ କହିଛନ୍ତି। ଏହି ଯାତ୍ରା ଦେଖିବା ପାଇଁ ଆଖ ପାଖ ଅଞ୍ଚଳ ଶତାଧିକ ଲୋକେ ସାମିଲ ହୋଇଥିଲେ। ପ୍ରଥମ ଦିନରେ କୋରାପୁଟିଆ ନାଟକ ଆୟୋଜନ କରାଯାଇ ଥିଲା।

## ବନ୍ଦ ପାଳନକୁ କଂଗ୍ରେସର ସମର୍ଥନ

ନବରଙ୍ଗପୁର, ୨୭।୧ (ସଦାଶିବ ପ୍ରହରାଜ)

ଓଡ଼ିଶା ନବ ନିର୍ମାଣ କୃଷକ ସଂଘ ପକ୍ଷରୁ କୃଷକ ମାନଙ୍କ ଉପରେ ହେଉଥିବା ଜୁଲମର ପ୍ରତିବାଦରେ ବୁଧବାର ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଭାରତୀୟ ଜାତୀୟ କଂଗ୍ରେସ ସମର୍ଥନ କରିଛି। ନବରଙ୍ଗପୁରରେ ହେବାକୁ ଥିବା ବନ୍ଦକୁ ଶୃଙ୍ଖଳାର ସହ ପାଳନ କରିବାକୁ ଜିଲା କଂଗ୍ରେସ ସଭାପତି ଲିପିକା ମାଝୀ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଚାଷୀଙ୍କ ହିତ ଦୃଷ୍ଟିରୁ ଏହାକୁ ସମର୍ଥନ କରିବାକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

## ଲୁଟ୍ ଉଦ୍ୟମ ମାମଲାରେ ୩ ଗିରଫ

ଜୟପୁର, ୨୭।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଟାଉନ ପୋଲିସ ଲୁଟ୍ ଉଦ୍ୟମ ମାମଲାରେ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦଶମନ୍ତପୁର ବ୍ଲକ୍ ଗିରଲିଗୁମ୍ମାର ସାମୁଏଲ ହିଆଲ, ଖ୍ରୀଷ୍ଟିଆନ ପେଟାର ମନୋଜ ନାୟକ ଓ ନବୀନ କଲୋନୀର ଜୟକୁମାର ଘେଲା। ଏହି ମାମଲାରେ ୩ ନାବାଳକ ସମ୍ପୃକ୍ତ ରହିଛନ୍ତି। ବବୁଲା ସାହୁ ନାମକ ଜଣେ ବ୍ୟକ୍ତିଠାରୁ କେତେକ ଯୁବକ ଲୁଟ୍ ଉଦ୍ୟମ କରିଥିଲେ। ଏ ନେଇ ଟାଉନ ଥାନାରେ ବାବୁଲା ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ତଦନ୍ତ କରିଥିଲା।

# ଚର୍ଚ୍ଚ ସ୍ଥାନାନ୍ତରକୁ ନେଇ ଉତ୍ତେଜନା

**ଶାନ୍ତି କମିଟି ବୈଠକ, ଗାଁରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ**

ଉମରକୋଟ, ୨୭।୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ କୋପେନା ଗାଁରେ ଚର୍ଚ୍ଚ ସ୍ଥାନାନ୍ତରକୁ ନେଇ ସୋମବାରରୁ ହିନ୍ଦୁ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଏହାକୁ ରୋକିବାକୁ ମଙ୍ଗଳବାର ପ୍ରଶାସନ ହସ୍ତକ୍ଷେପ ପରେ ଏକ ଶାନ୍ତି କମିଟି ଗଠନ କରାଯାଇଛି। ଏଥିରେ ୩୦ ହିନ୍ଦୁ ଓ ୧୦ଜଣ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଅଛନ୍ତି। ଏହି ବୈଠକରେ ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଏସ୍‌ଡିପି ଶୁଭେନ୍ଦୁ ଶବର, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, କୋପେନା ସରପଞ୍ଚ ପର୍ଶୁରାମ ଗଣ୍ଡ, ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ଚନ୍ଦନ ରୟ ପ୍ରମୁଖ ଉପସ୍ଥିତି ଥିଲେ। ଚର୍ଚ୍ଚ ଘୁଞ୍ଚାଇବାକୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ୧୫ ଦିନ ସମୟ ମାଗିଛନ୍ତି। ଉଭୟ ପରସ୍ପରର ଧର୍ମକୁ ସମ୍ମାନ ଦେଇ ଭାଇଚାରା ବଞ୍ଚାଇ ରଖିବେ ବୋଲି ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଉଭୟ ପକ୍ଷ ଲିଖିତଭାବେ ଏଥିରେ ସହମତି ଜଣାଇଛନ୍ତି। ଏବେ ଗାଁରେ ୨ ପ୍ଲାଟୁନ ପୋଲିସ ଫୋର୍ସ, ଉମରକୋଟ ଏସ୍‌ଆଇ ଅକ୍ଷୟ ମିଶ୍ର ଓ ବୀରେନ୍ଦ୍ର ବାଗ ଅଛନ୍ତି।

ସୂଚନାନୁଯାୟୀ, କୋପେନା ଗାଁରେ ଥିବା ମାଟି ଦେବତା ମନ୍ଦିରରେ ଫେବୃଆରୀ ମାସରେ ୭ ଦିନିଆ ଯଜ୍ଞ କରାଯିବାକୁ ଗାଁର ହିନ୍ଦୁ କମିଟି ନିଷ୍ପତ୍ତି ନେଇଛି। ତେବେ ଏହି ମାଟି ଦେବତା ମନ୍ଦିରଠାରୁ ମାତ୍ର ୧୫୦ ମିଟର ଦୂରରେ ଏକ ଚର୍ଚ୍ଚ ରହିଛି। ଚର୍ଚ୍ଚ ସେଠାରୁ ହଟା ନ ଗଲେ ସେହି ସ୍ଥାନରେ କୌଣସି ପୂଜା କିମ୍ବା ଯଜ୍ଞ ହୋଇପାରିବ ନାହିଁ ବୋଲି ହିନ୍ଦୁ ସଂଘ ପକ୍ଷରୁ ଏକ ବୈଠକକରି ନିଷ୍ପତ୍ତି ନିଆଯାଇଥିଲା। ସୋମବାର ସନ୍ଧ୍ୟାରେ ହିନ୍ଦୁ ସଙ୍ଗଠନ ପକ୍ଷରୁ କୋପେନାରେ ସଭା କରାଯିବା ସହ ଚର୍ଚ୍ଚକୁ ଉକ୍ତ ସ୍ଥାନରୁ ହଟାଇବା ପାଇଁ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନଙ୍କୁ କୁହାଯାଇଥିଲା। ତେବେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନେ ସୋମବାର ଚର୍ଚ୍ଚ ସ୍ଥାନାନ୍ତର ପାଇଁ ସଭା କରାଯାଉଥିବା ନେଇ ଅଭିଯୋଗ କରିଥିଲେ। ଖବରପାଇ ସଙ୍ଗେ ସଙ୍ଗେ ଡିଏସ୍‌ପି ରମାକାନ୍ତ ସାଏ, ପୋଲିସ ଏସ୍‌ଆଇ ଅକ୍ଷୟ ମିଶ୍ର ଓ ୪ ପ୍ଲାଟୁନ ପୋଲିସ ଫୋର୍ସ, ଝରିଗାଁ, ରାଇଘର, ଡାବୁଗାଁ ଥାନା କର୍ମଚାରୀ ଉଭୟ ପକ୍ଷକୁ ବୁଝାଶୁଝା କରିଥିଲେ। ତଥାପି କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାର ଜିଲା ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ।



କୋପେନା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ, ପୋଲିସ ଉପସ୍ଥିତିରେ ଶାନ୍ତି କମିଟି ବୈଠକ କରାଯାଉଛି।

# ଠିକାଦାରଙ୍କ କାମ ବନ୍ଦ ଚେତାବନୀ

ତେନ୍ତୁଲିଖୁଣ୍ଟି, ୨୭।୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଶ୍ରୀ ଶ୍ରୀ ଗୋପାଳ ଶ୍ରୀକ୍ଷେତ୍ର କଲ୍ୟାଣ ମଣ୍ଡପରେ ଇନ୍ଦ୍ରାବତୀ ଠିକାଦାର କଲ୍ୟାଣ ସଂଘର ଏକ ବୈଠକ କରାଯାଇଛି। ଠିକାଦାରମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ପବ୍ଲିକ ୱାର୍କ ଡିପାର୍ଟମେଣ୍ଟ ସଂଶୋଧିତ କୋଡ ଓ ଠିକା ପ୍ରକ୍ରିୟାକୁ ନେଇ କାର୍ଯ୍ୟରତ ଠିକାଦାରଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୂର୍ବରୁ ୧୪.୯୯ ପ୍ରତିଶତ ସେଦ୍ୟୁଲ୍ ରେ କାମ କରି କ୍ଷତି ସହୁଥିବା ବେଳେ ବର୍ତ୍ତମାନ ସଂଶୋଧିତ ପ୍ରକ୍ରିୟାରେ ଶୁନ୍ୟରୁ ଅସୀମିତ କାଟି କାମ କରିବା ଅର୍ଥ ଅଫିସର ପୋଷିବା ବୋଲି ମତ ପ୍ରକାଶ ପାଇଥିଲା। ଏହାଦ୍ୱାରା କାର୍ଯ୍ୟର ମାନ ହ୍ରାସ ପାଇବ ବୋଲି ଠିକାଦାର ମାନେ ମତ ଦେଇଥିଲେ। ଆଗାମୀ ଦିନରେ ରାଜ୍ୟ ଠିକାଦାର ସଂଘ ୭ଦଫା ଦାବି ନେଇ ସରକାରଙ୍କ ଦାବିପତ୍ର ଦେବେ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଡିପାର୍ଟମେଣ୍ଟ ଡିପିଆର୍, ଟେଣ୍ଡର କ୍ରାଇଟେରିଆରେ ଜଟିଳତା ଥିବା ପ୍ରକାଶ କରିଥିଲେ। ଜିରୋ ସିଡ୍ୟୁଲ ବା ୦.୧୦ ପ୍ରତିଶତରେ ହିଁ ଟେଣ୍ଡର ପକାଇବା ପାଇଁ ସହମତି ପ୍ରକାଶ ପାଇଥିଲା। କେହିବି ଅଧିକ ସିଡ୍ୟୁଲରେ ଟେଣ୍ଡର ପକାଇବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଦାବି ସମ୍ପର୍କରେ ଅଧିକାରୀ, ଜିଲା ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ଓ ଠିକାଦାରମାନେ କୌଣସି କାମ କରିବେ ନାହିଁ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ସୁରେଶ ଚନ୍ଦ୍ର ଦାସ, ଚନ୍ଦ୍ରଶେଖର ଦଳେଇ, ପ୍ରବୀର ପ୍ରଧାନ , ଚନ୍ଦନ ନାୟକ, ନରେନ୍ଦ୍ର ଭାରତୀ, ସୁବାସ ପଟ୍ଟନାୟକ, ତ୍ରିନାଥ ବେହେରା, ଜ୍ଞାନରଞ୍ଜନ ମହାନ୍ତି, ସୁଦାନ ପେଣ୍ଡିଆ ପ୍ରମୁଖ ୩୦ଊର୍ଦ୍ଧ୍ୱ ଠିକାଦାର ଆଲୋଚନାବେଳେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଠିକାଦାରମାନେ।

# ବାଲ୍ୟବିବାହ କରାଇଲେ ଜେଲ୍, ଜରିମାନା



ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ଅତିଥି ଓ ଅନ୍ୟମାନେ।

ଚନ୍ଦାହାଣ୍ଡି, ୨୭।୧ (ହିମାଂଶୁ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ତାଲୁକ ଲିଗାଲ ଏଡ କମିଟି ଆନୁକୂଲ୍ୟରେ ବାଲ୍ୟ ବିବାହ ରୋକିବା ନିମନ୍ତେ ପାନାବେଡ଼ା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳବାର ସାଇକେଲ ଶୋଭାଯାତ୍ରା କରାଯାଇଛି। ତାଲୁକ ଲିଗାଲ ଏଡ କମିଟି ଅଧ୍ୟକ୍ଷ ତଥା ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ ଖାନ ଯୋଗଦେଇଥିଲେ। ବାଲ୍ୟ ବିବାହ ଏକ ଆଇନଗତ ଅପରାଧ। ୨୧ବର୍ଷରୁ କମ ବର୍ଷର ପୁଅ ଓ ୧୮ବର୍ଷରୁ କମ ବୟସ ଝିଅଙ୍କ ବିବାହ ଆଇନଗତ ଅପରାଧ। ବାଲ୍ୟ ବିବାହ ପାଇଁ ଦୋଷୀ ପିତାମାତା ଏବଂ ଅନ୍ୟ ସମ୍ପର୍କୀୟଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ ବୋଲି ସେ ବୁଝାଇଥିଲେ। ପୂଜାରୀ, ପାଷ୍ଟର, ମୌଲାନାଙ୍କୁ ମଧ୍ୟ ଦଣ୍ଡ ଦିଆଯାଇପାରେ। ବାରିକ, ରୋଷେୟା, ବଜାଲା, ତମ୍ବୁ ମାଲିକ କିମ୍ବା ବାଲ୍ୟବିବାହ ପାଇଁ ସେବା ଯୋଗାଉଥିବା ଅନ୍ୟ ଯେକୌଣସି ବ୍ୟକ୍ତିଙ୍କୁ ମଧ୍ୟ ଦଣ୍ଡିତ କରାଯିବ। କାର୍ଯ୍ୟକ୍ରମରେ ଓକିଲ ମହମ୍ମଦ ହୁସେନ, କ୍ଷେମରାଜ ବାଘ, ସରୋଜ ଅଗସ୍ତି, ଜୟଦେବ ଖମାରୀ, ହୁମେଶ୍ୱର ହଂସ, ଶ୍ୟାମସୁନ୍ଦର ସୁନାନୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ବାର୍ଷିକୋତ୍ସବ 'ଘୁଙ୍ଗୁର' ପାଳିତ

ଡାବୁଗାଁ, ୨୭।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଘୋଡ଼ାଖୁଣ୍ଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ 'ଘୁଙ୍ଗୁର' ୨୦୨୬ ସୋମବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନରସିଂହ ଭତ୍ରା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବବ୍ରତ ଶତପଥୀ ବେଦପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ ଶବରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ଜିଲା ପରିଷଦ ଜୋନ -୧ ସଦସ୍ୟ ଧନସିଂ ଭତ୍ରା ମୁଖ୍ୟ ଅତିଥି, ଘୋଡ଼ାଖୁଣ୍ଟା ସରପଞ୍ଚ ଲୀଳାଦେଇ ମାଝୀ ମୁଖ୍ୟ ବକ୍ତା ଓ ସମିତି ସଭ୍ୟ ପର୍ଶୁରାମ ଶବର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଫଗୁନୁ ଶବର ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ରୀ ପୂର୍ଣ୍ଣିମା ଜାନି, ଛାତ୍ର ସନାଧର ଭତ୍ରା, ଶିକ୍ଷକ ଚିନ୍ମୟ ଜେନା ମଞ୍ଚ ପରିଚାଳନା କରିଥିଲେ । ଚଳିତ ବର୍ଷ ବ୍ଲକ ଓ ଜିଲା ବାଳ ବୈଜ୍ଞାନିକ ପ୍ରଦର୍ଶନୀ, ସୁରଭି, କ୍ରୀଡ଼ା, ଇକୋ କ୍ଲବ ମେଳାରେ ବିଦ୍ୟାଳୟର ପ୍ରତିନିଧିତ୍ୱ କରି ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା ବାରିକ, ଶିକ୍ଷକ ପରେଶ ମଣ୍ଡଳ ଓ ଚନ୍ଦନ ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱରୂପାରାଣୀ ନାୟକ, ଶିକ୍ଷକ ପ୍ରୀତମ ଶବର, ଅଜୟ କଟିମ, ଦୁକା ରାମ ଭତ୍ରା, ଅଭିଷେକ ବୈରାଗୀ, ରାଜାରାମ ସିଂ, ଦାମୋଦର ମିଶ୍ର, ଲକ୍ଷ୍ମୀ ନାରାୟଣ ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଗଦାଧର ମାଝୀ ଧନ୍ୟବାଦ ଦେଇଥିଲେ।

# ମୋଟୁରେ ୫୮ ଅଭିଯୋଗ ଶୁଣିଲେ ଜିଲାପାଳ

ମାଲକାନଗିରି, ୨୭।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅଧିନସ୍ଥ ମୋଟୁ ଗ୍ରାମ ପଞ୍ଚାୟତଠାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସମୁଦାୟ ୫୮ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ୧୦ଟି ବ୍ୟକ୍ତିଗତ ଓ ୪୮ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ବିଭିନ୍ନ ଯୋଜନାର ସେବା ଯୋଗାଇ ଦେବାପାଇଁ ଶିବିରରେ କ୍ୟାମ୍ପ ସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୨୫ଜଣ ହିତାଧିକାରୀଙ୍କୁ ନୂତନ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୧୨ଟି କାର୍ଡ ନବୀକରଣ କରାଯାଇଥିଲା। ସାମାଜିକ ସୁରକ୍ଷା ପେନସନ ଯୋଜନା ଅଧୀନରେ ୧୬ ଜଣଙ୍କ ନୂତନ ପେନସନ ନିମନ୍ତେ ପଞ୍ଜୀକରଣ କରାଯାଇଥିଲା । ସେହିପରି ଭିବି ଜିରାମ ଜି ଯୋଜନାରେ ୯ ଜଣଙ୍କୁ ନୂତନ ଜବ କାର୍ଡ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ଶିବିର କରାଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାସରଥୀ ସରାବୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାରମାନେ ଉପସ୍ଥିତ ଥିଲେ।

# ବାଲ୍ୟବିବାହ ବନ୍ଦ ସଚେତନତା ନେଇ ସାଇକେଲ ରାଲି



ବାହାରିଥିବା ସାଇକେଲ ରାଲି।

ମାଲକାନଗିରି, ୨୭।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ମୋଟୁ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ୭୭ତମ ଗଣତନ୍ତ୍ର ଦିବସ ଅବସରରେ ବାଲ୍ୟବିବାହ ବନ୍ଦ ନେଇ ଏକ ସଚେତନତା ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଜେ.ଏମ୍.ଏଫ୍.ସି ତଥା ଚେୟାରମ୍ୟାନ୍ ଅନୁସମ ଦାସଙ୍କ ନେତୃତ୍ୱରେ ଏକ ସଚେତନତା ସାଇକେଲ ରାଲି ମୋଟୁ ଅଞ୍ଚଳ ବୁଲି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବି ହୀରୋଜ କୁମାର ପାଣିଗ୍ରାହି, ବିପ୍ଳବ କୁମାର ଦତ୍ତ, ସରକାରୀ ଓକିଲ ରାଜେଶ କୁମାର ପଟ୍ଟନାୟକଙ୍କ ସହ ସମସ୍ତ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଦେଶର ସମ୍ବିଧାନ ପ୍ରତି ସମ୍ମାନ, ଦେଶପ୍ରେମ ଓ ଆଇନ ପାଳନ ପ୍ରତି ନିଷ୍ଠା ରଖିବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ପାପଡ଼ାହାଣ୍ଡି, ୨୭।୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରେ ଜିଲାପାଳ ମହେଶ୍ୱର ସ୍ୱାଇଁ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର କରାଯାଇଛି । ସିଡିଓ ବିରଞ୍ଚି ନାରାୟଣ ଦରୱାନ, ବିଡିଓ କପିଳଦେବ ସାହୁ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ୩୩ଜଣ ଆବେଦନକାରୀ ଅଭିଯୋଗ ପତ୍ର ଦାଖଲ କରିଥିଲେ। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ୫ ହୁଇଲ ଚେୟାର, ୨ ଜଣଙ୍କୁ ଚକ୍ଷୁହୀନ ସହାୟକ ବାଡ଼ି ଦିଆଯାଇଛି। ୧୦ଜଣ ଅଙ୍ଗହୀନ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ ନିମନ୍ତେ ମଞ୍ଜୁରୀ ମିଳିଛି। ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୩ଜଣଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଇଛି।



ସହାୟତା ପାଇଥିବା ହିତାଧିକାରୀଙ୍କ ସହ ଅଧିକାରୀ, ଜନପ୍ରତିନିଧି ଓ ଅନ୍ୟମାନେ ।

# ସଂସ୍କୃତି, ଆଦିବାସୀଙ୍କ ଜୀବନଶୈଳୀ ଜାଣିବାକୁ ପରାମର୍ଶ

**ମେରା ଯୁବା ଭାରତ , ନବରଙ୍ଗପୁର ପକ୍ଷରୁ ଆନ୍ତଃଜିଲା ଯୁବ ବିନିମୟ କାର୍ଯ୍ୟକ୍ରମ**

ନବରଙ୍ଗପୁର, ୨୭।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଡିପିଆର୍‌ସିରେ ମେରା ଯୁବା ଭାରତ ପକ୍ଷରୁ ଅନ୍ତଃ ଜିଲା ଯୁବା ବିନିମୟ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ପ୍ରଥମେ ମୋ ଯୁବ ଭାରତର ଯୁବ ଅଧିକାରୀ ଭି. ରମେଶ ସମସ୍ତଙ୍କୁ ସ୍ୱାଗତ କରି ଏହି ଯୁବା ବିନିମୟ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ସୁଚନା ଦେଇଥିଲେ। ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଜିଲାରୁ ଆସିଥିବା ୩୬ ଜଣଙ୍କୁ ସ୍ୱାଗତ କରାଯାଇଥିଲା। ନବରଙ୍ଗପୁର ଜିଲାର ସଂସ୍କୃତି, ଇତିହାସ ସ୍ଥଳୀ, ପର୍ଯ୍ୟଟନୀ ସ୍ଥଳ, ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ପରିଦର୍ଶନ କରିବା ସହ ସାଧାରଣ ଲୋକଙ୍କ ସହ ମିଶି ଏ ମାଟିର ଗୌରବ ଜାଣିବାକୁ ପ୍ରୟାସ କରନ୍ତୁ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସିଆରପିଏଫ ୧୨ ବାଟାଲିୟନ କମାଣ୍ଡାଣ୍ଟ ଏନ୍.କେ.କେ. ପ୍ରସାଦ, ଡିଆଇପିଆର୍‌ଓ ମନୋଜ ବେହେରା ଯୋଗ ଦେଇଥିଲେ। ଯୁବଗୋଷ୍ଠୀ ଦେଶର ଭବିଷ୍ୟତ। ଆତ୍ମବିଶ୍ୱାସ, କଠିନ ପରିଶ୍ରମ, ଦାୟିତ୍ୱବାନ, ଦୃଢ଼ ମନୋବଳ, ଦେଶ ପ୍ରେମକୁ ପାଥେୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଅତିଥି ଉଦ୍‌ବୋଧନ ଦେଇଥିଲେ। ଜିଲାରେ ରହଣି ସମୟରେ ଏହାର ସଂସ୍କୃତି, ଇତିହାସ, ସ୍ୱାଧୀନତା ସଂଗ୍ରାମର ସ୍ମାରକୀ, ପର୍ଯ୍ୟଟନୀ ସ୍ଥଳ ପରିଦର୍ଶନ, ଚାଷ, କୁଟୀର ଶିଳ୍ପ, ସ୍ଥାନୀୟ ବେଶଭୂଷା, ଆଦିବାସୀଙ୍କ ଜୀବନୀ ଉପରେ ଜ୍ଞାନ ଅର୍ଜନ କରିବାକୁ କହିଥିଲେ। ପ୍ରକାଶ ଯେ, ଛାତ୍ରୀଛାତ୍ର ମାନେ ନବରଙ୍ଗପୁର ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପୋଡ଼ଗଡ, ଭଣ୍ଡାରଘରଣୀ ମନ୍ଦିର, ପେନ ମନ୍ଦିର, କୋଲାବ ଡ୍ୟାମ୍, ଶହୀଦ ମିନାର, ମଙ୍ଗଲମ୍ ଟିମ୍ବର, ମୁଖିଗୁଡ଼ା ଡ୍ୟାମ୍, ଚନ୍ଦନଧାରା ଆଦି ସହ ଯୁବା ଉପଯୋଗୀ ବିଷୟରେ ଜ୍ଞାନ ଅର୍ଜନ କରିବେ।




ବୈଠକରେ ଜିଲାପାଳ ଓ ଅନ୍ୟମାନେ।

# ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ

ନବରଙ୍ଗପୁର, ୨୭।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ସୋମବାର ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ପ୍ରାତଃ ୪ଟା ୩୦ରେ ରାମଧୂନ୍ ପରିବେଷଣ, ସକାଳ ୭ଟାରେ ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିଙ୍କରେ ପୁଷ୍ପ ମାଲ୍ୟାର୍ପଣ ଓ ପ୍ରଭାତ ଫେରି, ସକାଳ ୭ଟା ୩୦ରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେଠାରେ ସକାଳ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ, ପାପଡ଼ାହାଣ୍ଡି ଗୁଳିକାଣ୍ଡରେ ଶହୀଦ ହୋଇଥିବା ବୀର ସନ୍ତାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦେଶ ପ୍ରୀତି, ସମ୍ବିଧାନ ପ୍ରତି ଅଙ୍ଗୀକାରବଦ୍ଧ, ଜିଲାର ସାମଗ୍ରିକ ବିକାଶ ଦିଗରେ ସରକାରଙ୍କ ବିଭିନ୍ନ ଯୋଜନା ଓ ପଦକ୍ଷେପ ଉପରେ କହିଥିଲେ। ଜାତୀୟସ୍ତରରେ ଜିଲାରୁ ପ୍ରତିନିଧିତ୍ୱକରି ସଫଳତା ପାଇଥିବା ଛାତ୍ରୀଛାତ୍ର ଓ ଯୁବଗୋଷ୍ଠୀଙ୍କୁ ଜିଲାପାଳ ଧନ୍ୟବାଦ ଦେଇଥିଲେ। ମଞ୍ଚରେ ଜିଲାପାଳଙ୍କ ସହ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଉପସ୍ଥିତ ଥିଲେ । ପରେଡ୍‌ରେ ୨୭ ଶିକ୍ଷାନୁଷ୍ଠାନ ଓ ପୋଲିସ ପ୍ଲାଟୁନ୍ ସାମିଲ ହୋଇଥିଲେ। ସେଠାରେ ୯ ଶିକ୍ଷାନୁଷ୍ଠାନ ଶାରୀରିକ କ୍ରୀଡ଼ା କୌଶଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥିଙ୍କଠାରୁ ପରେଡ୍ ପ୍ରତିଯୋଗିତାର ବିଜୟୀ ଦଳ ରନିଂ ସିଲ୍ଡ ଓ କପ୍ ଗ୍ରହଣ କରିଥିଲେ। ନୂଆଦିଲ୍ଲୀ ଆର୍‌ଡିସି କ୍ୟାମ୍ପରେ ଯୋଗଦାନକରି କୃତିତ୍ୱ ହାସଲ କରିଥିବା ନବରଙ୍ଗପୁର ଡିଗ୍ରୀ କଲେଜର ୫ଜଣ ଏନ୍‌ସିସି କ୍ୟାଡେଟ ବିଜୁ ବେହେରା, ଚିନ୍ମୟ ଭତରା, ରାହୁଲ ପ୍ରଧାନ, କେ.ହରିଶ, ହେମନ୍ତ ଗୌଡ଼ଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯାଇଥିଲା।

ଅପରାହ୍ନ ୩ଟାରେ ଜିଲା ଶିକ୍ଷା ବିଭାଗ ଏକାଦଶ ଓ ଜିଲା ଓକିଲ ସଂଘ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓକିଲ ସଂଘ ଏକାଦଶ ବିଜୟୀ ହୋଇଥିଲା। ସନ୍ଧ୍ୟାରେ ଆର୍‌ସିଡି ହାଇସ୍କୁଲରେ ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଡିଇଓ ଛତ୍ରପତି ସାହୁ ଉପସ୍ଥିତ ଥିଲେ। ପୂର୍ବରୁ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଡିଆଇପିଆର୍‌ଓ କାର୍ଯ୍ୟକ୍ରମ ପରିଚାଳନା ଓ ଆର୍‌ସିଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଦୀପ୍ତ ଦାସ ଧନ୍ୟବାଦ୍ ଦେଇଥିଲେ।



ପରେଡରେ ସାମିଲ ହୋଇଥିବା ଏକ ଟ୍ରୁପ୍ ।

# ଘରଡିହ ପଟ୍ଟା ଦାବି: ତହସିଲ ଅଫିସ ଘେରିଲେ ଶତାଧିକ ଲୋକ

**ଲକ୍ଷ୍ମୀପୁର,୨୭।୧(ଅନନ୍ତ ପ୍ରସାଦ ନାୟକ)**

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଅଧୀନ ଅଡିଆ ପେଣ୍ଠ ପଞ୍ଚାୟତ ବିରିଗୁଡ଼ା କଲୋନୀର ଶତାଧିକ ଲୋକେ ଘରଡିହ ପଟ୍ଟା ଦାବି କରି ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ଘେରିଛନ୍ତି। ୧୯୭୫ରେ ତତ୍କାଳୀନ ଆଦିବାସୀ ଉନ୍ନୟନ ଓ ଶିକ୍ଷା ମନ୍ତ୍ରୀ ରାମଚନ୍ଦ୍ର ଉଲ୍କା ୪୫ଜଣଙ୍କୁ ୪ ସେଣ୍ଟ ଲେଖାଏ ଘର ଡିହ ଏବଂ ୨ ଏକର ଲେଖାଏ ପଟ୍ଟା ପ୍ରଦାନ କରିଥିଲେ। ପରେ ଲୋକ ସଂଖ୍ୟା ବଢ଼ିଥିଲା କିନ୍ତୁ ଦୀର୍ଘ ୫୦ବର୍ଷ ହେବ କାହାକୁ ଏଯାଏ ଘର ଡିହ ଓ ଜମି ପ୍ରଦାନ କରାଯାଇନାହିଁ। ଏହାକୁ ଅଭିଯୋଗ କରି କଲୋନୀବାସୀ ତହସିଲ ଅଫିସ ଘେରିଛନ୍ତି। ସୂଚନାନୁଯାୟୀ, ଗ୍ରାମରେ ବର୍ତ୍ତମାନ ପ୍ରାୟ ୩ଶହ ପରିବାର ବାସ କରୁଛନ୍ତି। ପ୍ରତି ପରିବାର ଘର ଡିହ ପାଇବା ଆଶାରେ ୨୦୧୪ ଯାଏ ଖଜଣା ଦେଇ ଆସୁଥିଲେ। କିନ୍ତୁ ସରକାର ସେମାନଙ୍କୁ ଘର ଡିହ ବା ଘର ବାରି ଦେଇନାହାଁନ୍ତି। କେବଳ ପ୍ରତାରଣା କରି ଆସୁଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି। ଏଥିଯୋଗୁ ଲୋକେ ସରକାରଙ୍କ ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରାୟ ୪୦ ବର୍ଷ ହେବ


ଲକ୍ଷ୍ମୀପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଲୋକେ ପ୍ଲାକାର୍ଡ ଧରି ପ୍ରତିବାଦ କରୁଛନ୍ତି।

**ଖଜଣା ଦେବା ସତ୍ତ୍ୱେ ପ୍ରତାରଣା କରାଯାଉଥିବା ଅଭିଯୋଗ**

ଖଜଣା ଦେଇ ବିରକ୍ତ ହୋଇ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିବା କହିଛନ୍ତି। ଶତାଧିକ ଲୋକେ ପ୍ଲା କାର୍ଡ ଧରି ବିଭିନ୍ନ ନାରା ଦେଇ ଦାବି ଉପସ୍ଥାପନା କରିଥିଲେ। ଏ ସମ୍ପର୍କରେ ତହସିଲଦାର ନୈବେଦ୍ୟ ଭୋଇଙ୍କୁ ପଚାରିବାରୁ ଗ୍ରାମରେ ଯାଇ ସର୍ଭେ କରି ଉପଯୁକ୍ତ ଲୋକଙ୍କୁ ପଟ୍ଟା ଦେବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହି ଅବସରରେ ଗ୍ରାମର ହିତାଧିକାରୀ ବିପିନ ମାଣ୍ଡିଙ୍ଗା, ପୂର୍ଣ୍ଣ ମାଣ୍ଡିଙ୍ଗା, ବିନ ମାଣ୍ଡିଙ୍ଗା, ସୁବାଷ ମାଣ୍ଡିଙ୍ଗା, କର୍ଣ୍ଣ ହାଲବା, ସହଦେ ହାଲବା, ସୀତାରାମ ଖରା, ଦାମ ବିଡ଼ିକା ଓ ତପନ ହାଲବା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ମାଲବାହୀ ଟ୍ରେନ୍‌ର ୨ ବଗି ଲାଇନଚ୍ୟୁତ

**କୋରାପୁଟ,୨୭।୧ (ଅମିତାଭ ବେହେରା)**


ଟ୍ରେନ୍ ଟ୍ରାକ୍‌ରୁ ଲାଇନ୍‌ଚ୍ୟୁତ ହୋଇରହିଛି।

କୋରାପୁଟ ରେଲୱେ ଷ୍ଟେଶନଠାରୁ ମାତ୍ର ୨ଶହ ମିଟର ଦୂର ଏ-କ୍ୟାବିନ୍ ସମ୍ମୁଖ ଡାଉନ ଟ୍ରାକ୍‌ରେ ଏକ ମାଲବାହୀ ଟ୍ରେନର ୨ ବଗି ସୋମବାର ରାତିରେ ଲାଇନଚ୍ୟୁତ ହୋଇଛି। କିରାଣ୍ଡୁଲଠାରୁ ଲୁହା ପଥର ନେଇ ଏକ ମାଲବାହୀ ଟ୍ରେନ କୋରାପୁଟ ରାୟଗଡ଼ା (କେଆର୍) ଲାଇନ୍‌ରେ ଯିବା ବେଳେ କୋରାପୁଟ-ଡୁମୁରିପୁଟ ରେଳଲାଇନ୍‌ରେ ଏ-କ୍ୟାବିନ୍ କ୍ରସିଂ ସମୟରେ ୨ ୱାଗନ ଲାଇନଚ୍ୟୁତ ହୋଇ ସମ୍ପୂର୍ଣ୍ଣ ଟ୍ରାକ୍‌ରୁ ତଳକୁ ଖସି ପଡ଼ିଥିଲା। ପ୍ରାୟ ୨ଶହ ମିଟର ଘୋଷାଡ଼ି ହୋଇ ଅଟକି ରହିଥିଲା। କୋରାପୁଟ ରେଲୱେ ଷ୍ଟେଶନରୁ ସ୍ୱତନ୍ତ୍ର ଉଦ୍ଧାରକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଲାଇନଚ୍ୟୁତ ବଗିକୁ ଟ୍ରାକ୍‌କୁ ଆଣିବା ପରେ ଟ୍ରାକ୍ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ମଙ୍ଗଳବାର ଭୋର ୪ଟା ଯାଏ ୨ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଉକ୍ତ ଟ୍ରାକ୍‌ରେ ପ୍ରଥମେ ଟ୍ରାଏଲ ରନ କରିବା ପରେ ସମଲେଶ୍ୱରୀ ଏକ୍ସପ୍ରେସ୍ ଓ ଇଣ୍ଟରସିଟି ରାଉରକେଲା ଗଡ଼ିଥିଲା। ଏ-କ୍ୟାବିନ କ୍ରସିଂ ଡାଉନ ଟ୍ରାକ୍‌ରେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଟ୍ରେନ୍ ଗତି କମାଇ ଦିଆଯାଇଥିବା ଷ୍ଟେଶନ ମାଷ୍ଟର ବଳରାମ ମୁଦୁଲି ସୂଚନା ଦେଇଛନ୍ତି।

# ନନ୍ଦପୁର ତହସିଲଦାର, ଲୁଜିଙ୍ଗ ଅଙ୍ଗନୱାଡି କର୍ମୀ ପୁରସ୍କୃତ

**ନନ୍ଦପୁର,୨୭।୧ (ତୁଷାର କାନ୍ତ ମହାନ୍ତି)**


ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା।

କୋରାପୁଟ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ବିଭାଗୀୟ କାର୍ଯ୍ୟରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି। ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣାଙ୍କୁ ରାଜସ୍ୱ ବିଭାଗର କାର୍ଯ୍ୟ ସୁପରିଚାଳନା ଓ ନନ୍ଦପୁର ବ୍ଲକ ହିକିମପୁଟ ପଞ୍ଚାୟତ ଲୁଜିଙ୍ଗ ଅଙ୍ଗନୱାଡି କର୍ମୀଙ୍କୁ ପୋଷଣ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପୁରସ୍କୃତ କରିଛନ୍ତି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଏସ୍‌ପି ରୋହିତ ବର୍ମା ଉପସ୍ଥିତ ଥିଲେ। ଶ୍ରେଷ୍ଠ ବିଡିଓ ଭାବେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଶ୍ରେଷ୍ଠ ପୌର ନିର୍ବାହୀ ଅଧିକାରୀ ଭାବେ କୋରାପୁଟ ଏନଏସି ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଶ୍ରେଷ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭାବେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡ.ଦୀପକ କୁମାର ସାମଲ ଓ ଜିଲାର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ କୋରାପୁଟ ଏନ୍ଏସି ସଫେଇ କର୍ମଚାରୀ କାର୍ତ୍ତିକ ସୁନା ଓ ଏକାଧିକ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି।

# ୮ ଅଭିଯୋଗ ଶୁଣିଲେ ଅଧିକାରୀ

**ନନ୍ଦପୁର,୨୭।୧(ତୁଷାର କାନ୍ତ ମହାନ୍ତି)**

ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ରାଇସିଂ ପଞ୍ଚାୟତରେ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସରପଞ୍ଚ ଜଗବନ୍ଧୁ ଚେଟ୍ଟି, ସମିତିସଭ୍ୟ ବବି ଖିଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡ.ଅମିତ ସାହୁ, ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ, ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ଓ ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତବାସୀ ଅଧିକାରୀଙ୍କୁ ରାସ୍ତା ପାଣି ଓ ଅନ୍ୟ ସମସ୍ୟା ସମ୍ବଳିତ ୮ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏହାକୁ ପଞ୍ଜୀକରଣ କରାଯାଇଛି। ଜିଲା ପ୍ରଶାସନ ଓ ସହଯୋଗୀ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି ବିଡିଓ ଦୋରା କହିଛନ୍ତି।

# ୬୩ ଲିଟର ମଦ ଜବତ: ୨ ଗିରଫ

**କୋରାପୁଟ,୨୭।୧(ଅମିତାଭ ବେହେରା)**

କୋରାପୁଟ ସଦର ଅବକାରୀ ଟିମ ଜିଲାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ପ୍ରାୟ ୬୩ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ନନ୍ଦପୁର ଥାନା ସୁବାଇ ଗ୍ରାମର ଘନ ଆଡାରି ଓ ପଟ୍ଟାଙ୍ଗି ଥାନା କୁନ୍ଦୁଲିର ସନ୍ତୋଷ କିର୍ସାନୀ। କୋରାପୁଟ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ସୁବାଇ ଗ୍ରାମରେ ଚଢ଼ାଉ କରି ୩୯.୬ଲିଟର ବିୟର ଓ ୧୭.୨୮ ଲିଟର ବିଦେଶୀ ମଦ ଜବତ କରିଥିଲେ। କୁନ୍ଦୁଲିରେ ଚଢ଼ାଉ କରି ୬ ଲିଟର ଦେଶୀ ମଦ ଜବତ କରି କରିଥିଲେ। ଚଢ଼ାଉରେ ସଦର ଅବକାରୀ ଓଆଇସି ଜଗବନ୍ଧୁ ଜାନି, ମମତାମୟୀ ମହାନ୍ତି, ଧନୁର୍ଜୟ ପୂଜାରୀ ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ୪୭ ଅଭିଯୋଗ ଶୁଣିଲେ ଜିଲାପାଳ

**ଜୟପୁର,୨୭।୧(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ୧୩ ଗୋଷ୍ଠୀଗତ ଓ ୩୪ ବ୍ୟକ୍ତିଗତ ମୋଟ ୪୭ ଅଭିଯୋଗର ଶୁଣିଥିଲେ। କୋରାପୁଟ ଏସ୍‌ପି ରୋହିତ ବର୍ମା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ଏସ୍‌ଡିପିଓ ପାର୍ଥ କଶ୍ୟପ ଉପସ୍ଥିତ ଥିଲେ। ଶୁଣାଣିରେ ଜମି ଜମା ବିବାଦ, ଲୋ ଭୋଲଟେଜ, ଜଗନ୍ନାଥ ସାଗର ତଟରେ ନିର୍ମାଣଧୀନ ପେଟ୍ରୋଲ ପମ୍ପ ବନ୍ଦ କରିବା ଆଦି ଅଭିଯୋଗ ହୋଇଥିଲା। କୋରାପୁଟ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ ଜିଲାରେ ଧାନ କଟନି ଛଟନି ବନ୍ଦ କରିବା, ଟୋକେନ ମାସ ମାସକ ସମସ୍ୟା ଜଣାଇଥିଲେ। ମଣ୍ଡିରେ ଧାନ ଓଜନ ହେଉ ନ ଥିବା, ମିଲର ପାଖକୁ ଚାଷୀ ନିଜେ ଗାଡି ବ୍ୟବସ୍ଥା କରି ନେଉଥିବା, ଖାଲି ଅଖା ବାବଦକୁ କୌଣସି ରେଜିଷ୍ଟାର ବ୍ୟବହାର ହେଉ ନ ଥିବା, ଅଖା ବାବଦକୁ ଅର୍ଥ ପ୍ରଦାନ ନ କରିବା, କୁଇଣ୍ଟାଲ ପିଛା ୫ରୁ ୧୨ କେଜି ଧାନ କଟାଯାଉଥିବା ଅଭିଯୋଗ କରିଥିଲେ। ମିଲରଙ୍କ ଇଚ୍ଛା ମୁତାବକ ଧାନ ଦେଲେ ଚାଷୀଙ୍କୁ ଧାନ ଫେରସ୍ତ ନେବାକୁ ବାଧ କରୁଛନ୍ତି। ମଣ୍ଡିରେ ନୋଡାଲ ଅଧିକାରୀ ମଣ୍ଡିକୁ ଯାଉ ନ ଥିବା ଓ କୋଲାବ କେନାଲ ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁ ନ ଥିବା ଆଦି ଅଭଯୋଗ ହୋଇଛି। ବେଆଇନ ଡ୍ରଗ୍ସ କାରବାରକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଜିଲାପାଳଙ୍କୁ ଦାବି କରାଯାଇଛି। ପୁରୁଣା ଫାୟାର ଷ୍ଟେଶନ ଗ୍ରାଉଣ୍ଡରେ ପାଚେରି ନିର୍ମାଣ ସହ ପ୍ରବେଶ ଗେଟ୍ ନିର୍ମାଣ କରିବାକୁ ଦାବି ହୋଇଛି। ଫାମ୍ପୁଣିରେ ପାନୀୟ ଜଳ ସମସ୍ୟା ଥିବାରୁ ଏହାର ସମାଧାନ କରିବାକୁ ଦାବି ହୋଇଛି। ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟଚାଚୀ ଜେନା, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦୟାନିଧିଗୁଡ଼ାରେ 'ରେଡିଓ ଡଙ୍ଗର ୮୯.୨' ଉଦ୍‌ଘାଟିତ


ଉଦ୍‌ଘାଟିତ ନୂତନ ରେଡିଓ ଷ୍ଟେଶନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟମାନେ।

**କୋରାପୁଟ,୨୭।୧(ଅମିତାଭ ବେହେରା)**

କୋରାପୁଟ ବ୍ଲକର ଦୟାନିଧିଗୁଡ଼ାରେ ଗୋଷ୍ଠୀ ରେଡିଓ ଷ୍ଟେଶନ ରେଡିଓ ଡଙ୍ଗର ୮୯.୨ ଉଦ୍‌ଘାଟିତ ହୋଇଯାଇଛି। ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀଙ୍କ ଅଧ୍ୟକ୍ଷତାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ରେଡିଓ ଷ୍ଟେଶନ ଦ୍ୱାରା ଅଞ୍ଚଳର ପ୍ରାୟ ୨୦ କି.ମି. ପରିଧିରେ ଥିବା ଗ୍ରାମର ଚାଷୀମାନେ କୃଷି ସମ୍ପୋଧିତ ତଥ୍ୟ ଓ ଖବର ପାଇପାରିବେ ଯାହାଦ୍ୱାରା ତାଙ୍କର ଆର୍ଥିକ ଉନ୍ନତି ଘଟିବ ବୋଲି ପ୍ରଗତି ଅନୁଷ୍ଠାନର ସମ୍ପାଦକ ଅଧିକାରୀ ପ୍ରକାଶ କରିଛନ୍ତି। କୋରାପୁଟ ବିଧାୟକ ରଘୁରାମ ମାଛ ଓ ଜିଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ଜନ ଜାଗରଣ ସମାବେଶ

**କୋରାପୁଟ,୨୭।୧(ଅମିତାଭ ବେହେରା)**

ରାଜ୍ୟ ଭାଜପା ସରକାରଙ୍କ ଜନ ବିରୋଧୀ ନିଷ୍ପତ୍ତି ବିରୋଧରେ କୋରାପୁଟ ଜିଲାର ବିଜେଡି ଓ ଛାତ୍ର ବିଜେଡି ପକ୍ଷରୁ ଜନ ଜାଗରଣ ସମାବେଶ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ


ବିଜୁ ପଟ୍ଟନାୟକ ପାର୍କରେ ବିଜେଡି ନେତା ଓ କର୍ମୀମାନେ ପ୍ରତିବାଦ କରୁଛନ୍ତି ।

**ସରକାରଙ୍କ ଜନ ବିରୋଧୀ ନିଷ୍ପତ୍ତିକୁ ବିରୋଧ**

ସାହୁ ଓ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ ଯୋଗଦେଇଥିଲେ। ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କରେ ନେତା ଓ କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ପ୍ରଦୂଷଣ ସାର୍ଟିଫିକେଟ ନାଁରେ ଫାଇନ ଆଦାୟ କରିବା, ସ୍ମାର୍ଟ ମିଟର ନାଁରେ ଉପଭୋକ୍ତାଙ୍କୁ ଅଧିକା ଖର୍ଚ୍ଚାନ୍ତ କରିବା ଓ ୧୮ ମାସରେ ୧୯ ପେପର ଲିକ ହୋଇ ଯୁବପିଢ଼ିଙ୍କ ଭବିଷ୍ୟତ ଅନ୍ଧାର ହୋଇଯାଇଥିବାରୁ ଜନ ଜାଗରଣ ସମାବେଶ କରାଯାଇଥିଲା ବୋଲି ବିଜୁ ଛାତ୍ର ଜନତା ଦଳ ସଭାପତି ସାହୁ କହିଛନ୍ତି। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମଞ୍ଚ ପରିଚାଳନା କରିଥିଲେ।

# ମାରଣାସ୍ତ୍ର ଦେଖାଇ ୩ ଲକ୍ଷ ଲୁଟ୍

**ବୋରିଗୁମ୍ମା,୨୭।୧(ବିଜୟ ସାହୁ)**

କୋରାପୁଟ ଜିଲା ବୋରିଗୁମ୍ମା ଥାନାଠାରୁ ଜାତୀୟ ରାଜପଥ ନିକଟ ଜଣେ ବ୍ୟବସାୟୀଙ୍କ ଘରେ ପଶି ୪ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ୩ ଲକ୍ଷ ଟଙ୍କା ଓ ସୁନା ମୁଦି ଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ପୋଲିସକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।

ସୂଚନାନୁଯାୟୀ, ସୋମବାର ରାତିରେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଟି.ଗୁରୁମୂର୍ତ୍ତିଙ୍କ ଘରେ ୪ ଦୁର୍ବୃତ୍ତ ପଶି ଆସି ମାରଣାସ୍ତ୍ର ଦେଖାଇ ୩ଲକ୍ଷ ଟଙ୍କା ସହ ସୁନା ମୁଦି ଲୁଟ୍ କରିଥିଲେ। ଏ ନେଇ ଗୁରୁମୂର୍ତ୍ତି ବୋରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୬/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଇଆଇସି ରାମାନନ୍ଦ ସାହୁ ତଦନ୍ତ କରୁଛନ୍ତି। ପ୍ରକାଶ ଯେ, କିଛି ଦିନ ପୂର୍ବରୁ ବୋରିଗୁମ୍ମା ସହରର ନବରଙ୍ଗପୁର ରୋଡସ୍ଥିତ ରାଜେଶ୍ୱରୀ ପାଢ଼ୀ ନାମକ ଜଣେ ମହିଳାଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପଶି ୪ ତୁଳାରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ସହ ନଗଦ ୨ ଲକ୍ଷ ଟଙ୍କା ଚୋରି କରିଥିଲେ। ଏହି ଘଟଣାରେ ବୋରିଗୁମ୍ମା ପୋଲିସକୁ କୌଣସି ସଫଳତା ମିଳି ନ ଥିବା ବେଳେ ପୁଣି ଏକ ଲୁଟ୍ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସାଜିଛି।

# ଓଡ଼ିଶା ବନ୍ଦକୁ ଜିଲା କଂଗ୍ରେସ କମିଟିର ସମର୍ଥନ

**ଜୟପୁର,୨୭।୧(ପବନ ପାଣିଗ୍ରାହୀ)**

୨୮ ଜାନୁଆରୀ ତଥା ବୁଧବାର ନବନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡାକରାକୁ ପ୍ରଦେଶ କଂଗ୍ରେସ କମିଟି ସମର୍ଥନ କରୁଥିବା ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଥିବା କୋରାପୁଟ ଜିଲା ସଭାପତି ରୂପକ ତୁରୁକ କହିଛନ୍ତି। ରାଜ୍ୟବ୍ୟାପୀ ଧାନ କିଣାରେ ଅବ୍ୟବସ୍ଥା, ଯାନବାହନର ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ଜରିମାନା ଆଦାୟ, ବିଦ୍ୟୁତ୍ ଟାରିଫକୁ ନେଇ ରାଜ୍ୟରେ ସରକାର, ଓଇଆରସି ଓ ଟାଟା ପାୱାରର ମନମାନି ତଥା ଏମ୍‌ଜିଏନ୍‌ଆରଇଜିଏସ୍‌ର ଉଚ୍ଛେଦ ବିରୋଧରେ କଂଗ୍ରେସ ପକ୍ଷରୁ ରାଜ୍ୟରେ ଆନ୍ଦୋଳନ ହେଉଛି। ଏହି ପରିପ୍ରେକ୍ଷୀରେ ଏହି ସମସ୍ୟାଗଡ଼ିକୁ ନେଇ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହାକୁ ଓଡ଼ଶା ପ୍ରଦେଶ କଂଗ୍ରେସ କମିଟି ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି। କୋରାପୁଟ ଜିଲା କଂଗ୍ରେସ କମିଟି ମଧ ଏହାକୁ ସମ୍ପୂର୍ଣ୍ଣ ସମର୍ଥନ କରିବା ନିଷ୍ପତି ନେଇଛି। କୋରାପୁଟ ଜିଲା ଏମ୍‌ପି, ସମସ୍ତ ବିଧାୟକ, ପିସିସି କର୍ମକର୍ତ୍ତା, ପିସିସି ସଭ୍ୟା ସଭ୍ୟ, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, କିଷାନ କଂଗ୍ରେସ, କଂଗ୍ରେସ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଆରଜିପିଆରଏସ୍, ସେବା ଦଳ, ସମସ୍ତ ଛାମୁଆ ସଂଗଠନ ସମେତ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିବେଦନ କରାଯାଇଛି।

# ଜିଲାସ୍ତରୀୟ ଏନ୍ଏସ୍ଏସ୍ ଶିବିର ଉଦ୍‌ଯାପିତ

**କୋରୁକୋଣ୍ଡା,୨୭।୧(ଶିବଦତ୍ତ ସାହୁ )**

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଅନ୍ତର୍ଗତ ୩ଦିନିଆ ଜିଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗଦେଇଥିଲେ। ଦେଶର ଭବିଷ୍ୟତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ସମ୍ବନ୍ଧରେ ବିଧାୟକ ଖିଲ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିମେଳା ନଗର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗଦେଇଥିଲେ। ଯୁବ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ନେତୃତ୍ୱ ଗୁଣ, ସାମାଜିକ ଦାୟିତ୍ୱ ଏବଂ ଜାତୀୟ ମୂଲ୍ୟବୋଧର ବିକାଶ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଏନ୍ଏନ୍ଏସ୍ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଅଭିଜ୍ଞ ସମ୍ବଳ ବ୍ୟକ୍ତିଙ୍କ ଦ୍ୱାରା ଯୁବ ନେତୃତ୍ୱ, ବ୍ୟକ୍ତିତ୍ୱ ବିକାଶ, ସମାଜସେବା, ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ରାଷ୍ଟ୍ର ନିର୍ମାଣ ଉପରେ କେନ୍ଦ୍ରିତ ବିଭିନ୍ନ ଅଧିବେଶନ ପରିଚାଳନା କରାଯାଇଥିଲା। ସାମାଜିକ ବିକାଶ ଭଳି ବିଭିନ୍ନ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ବାଲିମେଳା ଏନ୍ଏସି ଅଧ୍ୟକ୍ଷ ସମସ୍ତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଭି. ଡି. ବିଶ୍ୱବିଦ୍ୟାଳୟ ଶିବିରର ସଂଯୋଜକ ମନୋରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏନ୍ଏନ୍ଏସ୍ ଅଧିକାରୀ ତପନ କାର୍ଜି ଓ ରଞ୍ଜିତା ଟୋପୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଏନ୍ଏନ୍ଏସ୍ ଅଧିକାରୀ ସରୋଜ ମହାପାତ୍ର ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ବିକଶିତ ଓଡ଼ିଶା ବିକଶିତ ଭାରତ ଗଠନ ନେଇ ଶପଥ ନେବାକୁ ଆହ୍ୱାନ

**୭୭ତମ ଜିଲାସ୍ତରୀୟ ଗଣତନ୍ତ୍ର ଦିବସ**

**କୋରାପୁଟ/ଜୟପୁର,୨୭।୧ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)**


କୋରାପୁଟ ପୋଲିସ ପଡ଼ିଆରେ ପରେଡ କରାଯାଉଛି।

କୋରାପୁଟ ପୋଲିସ ପଡିଆରେ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ଜିଲାସ୍ତରୀୟ ପରେଡରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ନେଇ ସମସ୍ତେ ଜାତୀୟ ପତାକା ତଳେ ଶପଥ ପାଠ କରିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ବିକଶିତ ହେଲେ ଭାରତ ୨୦୪୭ରେ ବିକଶିତ ଦେଶ ଭାବେ ପରିଚୟ ପାଇବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଛନ୍ତି। ପରେଡ ପଡ଼ିଆରେ ସ୍ୱତନ୍ତ୍ର ଭାବେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଫୋଟଚିତ୍ର ପ୍ରଦର୍ଶିତ ହୋଇଥିଲା। ରକ୍ତଦାନ ଶିବିରକୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଉଦ୍‌ଘାଟନ କରିଥିଲେ। ଏହି ପରେଡରେ ମୋଟ ୨୯ ଦଳ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଶାରୀରିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ପରେଡରେ ନନ ସିଭିଲିଆନରେ କୋରାପୁଟ ସରକାରୀ ଡିଏଭି କଲେଜ ପ୍ରଥମ, ଜୁନିୟର ସିଭିଲିଆନରେ ସେଣ୍ଟସ ସ୍କୁଲ ପ୍ରଥମ, ସିନିୟର ସିଭିଲିଆନରେ କୋରାପୁଟ ବିକାଶ ବିଦ୍ୟାଳୟ ପ୍ରଥମ, ଶ୍ରେଷ୍ଠ ଶୃଙ୍ଖଳିତ ପ୍ୟାରେଡ ଦଳ ଭାବେ କୋରାପୁଟ ଦୃଷ୍ଟି ବାଧିତ ବିଦ୍ୟାଳୟ, ପ୍ରଜ୍ଞାପନ ମେଢ ପ୍ରଦର୍ଶନରେ କୋରାପୁଟ କଫି ପ୍ରଥମ, ଶାରୀରିକ କ୍ରୀଡ଼ା ପ୍ରତିଯୋଗିତାରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପ୍ରଥମ ହୋଇଥିଲା। ଆଲୋକସଜ୍ଜା ପ୍ରତିଯୋଗୀତାରେ କୋରାପୁଟ ଆଇଟିଡିଏ ପ୍ରଥମ ହୋଇ ପୁରସ୍କୃତ ହୋଇଛି। ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଳ ସିଂ, ଏସ୍‌ପି ରୋହିତ ବର୍ମା, ସମସ୍ତ ପୋଲିସ ଓ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଜୟପୁର ଉପଖଣ୍ଡରେ ସାଧାରଣତନ୍ତ୍ର ଦିବସ ଦଶହରା ପଡିଆରେ ପାଳିତ ହୋଇଛି। ଏଥିରେ ଉପଜିଲାପାଳ ଆକବରମ ଶସ୍ୟା ରେଡ୍ଡୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ୪୦ ପ୍ଲାଟୁନ ଟ୍ରୁପ୍‌କୁ ପରିଦର୍ଶନ କରିଥିଲେ। ଦେଶର ଅଖଣ୍ଡତା ଓ ଏକତାକୁ ରକ୍ଷା କରିବାକୁ କହିଥିଲେ। ଏଥିରେ ବିଭିନ୍ନ କ୍ରିଡା କୌଶଳ ପ୍ରତିଯୋଗିତା ସହ କୋରାପୁଟ ବିଏସଏଫଙ୍କ ଦ୍ୱାରା କୁକୁର ପ୍ରଦର୍ଶନୀ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଜୟପୁର ଉପଖଣ୍ଡ ଅରକ୍ଷୀ ଅଧିକ୍ଷକ ପାର୍ଥ ଜଗଦୀଶ କଶ୍ୟପ, ତହସିଲଦାର ସବ୍ୟସାଚୀ ଜେନା, ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକ, ଟାଉନ ଥାନାଧିକାରୀ, ଉଲାଶ ଚନ୍ଦ୍ର ରାଉତ, ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହାକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପରିଚାଳନା କରିଥିଲେ।

